# The 9th ASEAN-India Senior Officials Meeting on Transnational Crimes (SOMTC)

July 21, 2022

## ଅନ୍ତର୍ଦେଶୀୟ ଅପରାଧ ଉପରେ ଆସିଆନ-ଭାରତର ବରିଷ୍ଠ ଅଧିକାରୀମାନଙ୍କ ନବମ ବୈଠକ (ଏସଓଏମଟିସି)

**ଜୁଲାଇ 21, 2022**

ଅନ୍ତର୍ଦେଶୀୟ ଅପରାଧ ଉପରେ ଆସିଆନ-ଭାରତର ବରିଷ୍ଠ ଅଧିକାରୀମାନଙ୍କ ନବମ ବୈଠକ (ଏସଓଏମଟିସି) 20 ଜୁଲାଇ 2022 ରେ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଆତଙ୍କବାଦ ବିରୋଧୀ ବିଭାଗର ଯୁଗ୍ମ ସଚିବ ଶ୍ରୀ ମହାବୀର ସିଂଘଭି ଏବଂ ଆସିଆନ ପକ୍ଷରୁ ସିଙ୍ଗାପୁର ଗୃହ ମନ୍ତ୍ରଣାଳୟର ଉପସଚିବ (ନୀତି) ଶ୍ରୀ ପୁହା କୋକ କିଓଙ୍ଗ ସହ-ଅଧ୍ୟକ୍ଷତା କରିଥିଲେ।

ଆତଙ୍କବାଦର ସମସ୍ତ ରୂପ ଓ ପ୍ରକଟକୁ ଉଭୟ ପକ୍ଷ ଦୃଢ ସ୍ୱରରେ ନିନ୍ଦା କରିଥିଲେ ଏବଂ ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ବ୍ୟାପକ ତଥା ନିରନ୍ତର ମୁକାବିଲା ପାଇଁ ଆନ୍ତର୍ଜାତିକ ସହଯୋଗକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ତର୍ଦେଶୀୟ ଅପରାଧର ମୁକାବିଲା ପାଇଁ ଆସିଆନ-ଭାରତ କାର୍ଯ୍ୟ ଯୋଜନା ଅନ୍ତର୍ଗତ ଆତଙ୍କବାଦ, ବେଆଇନ ନିଶା କାରବାର, ମାନବ ଚାଲାଣ, ଆନ୍ତର୍ଜାତିକ ଅର୍ଥନୈତିକ ଅପରାଧ ଏବଂ ସାଇବର ଅପରାଧ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଆନୁଷ୍ଠାନିକ ସଂଯୋଗ ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଅନ୍ତର୍ଦେଶୀୟ ଅପରାଧ ଉପରେ ଦଶମ ଆସିଆନ-ଭାରତ ଏସଓଏମଟିସି ବିଚାର ବିମର୍ଷ 2023 ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ହେବ।

**ନୂଆଦିଲ୍ଲୀ**

**ଜୁଲାଇ 20, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.